# ତହସିଲଦାରଙ୍କ କାର୍ଯ୍ୟାଳୟ, ଲାଞ୍ଜିଗଡ, ଜି : କଳାହାଣ୍ଡି

ସଂଖ୍ୟା: 5 ତାରିଖ 02.01.2023

## ଲଘୁ ଖଣିଜ ଉତ୍ସର ଲିଜ ସକାଶେ ଇସ୍ତାହାର

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଲାଞ୍ଜିଗଡ ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଖାଦାନ ଗୁଡିକର ୫ (ପାଞ୍ଚ) ବର୍ଷ ନିମନ୍ତେ ଲିଜ ସକାଶେ ଦରଖାସ୍ତ ଆହ୍ୱାନକରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ଦରଖାସ୍ତଗୁଡିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା 17.01.2023 ରିଖ ଅପରାହ୍ନ ଘ. 01.00 ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ପକାଇବେ । ଏ ସମ୍ପର୍କ ସମସ୍ତ ତଥ୍ୟାବଳି District Web site (www.kalahandi.nic.in) ରୁ ପାଇ ପାରିବେ ।

Honnaga 02/01/22

ତହସିଲଦାର, ଲାଞ୍ଜିଗଡ
TAHASILDAR
LANJIGARH

Memo No. 6 Date 02.01.2023

Copy to the DIO, NIC, Kalahandi with a request to upload the same in the District Website.

Honnaga 02/01/22

Tahasildar, Lanjigarh
TAHASILDAR
LANJIGARH

Memo No. 7 Date 02.01.2023

Copy submitted to the Addl. District Magistrate, Kalahandi / Sub-Collector, Bhawanipatna for favour of kind information and necessary action.

Honnaga 02/01/22

Tahasildar, Lanjigarh
TAHASILDAR
LANJIGARH

# ତହସିଲଦାରଙ୍କ କାର୍ଯ୍ୟାଳୟ, ଲାଞ୍ଜିଗଡ, ଜି : କଳାହାଣ୍ଡି

ସଂଖ୍ୟା: ୪ ତାରିଖ 02.01.2023

# ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ଵ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଲାଂଜିଗଡ଼ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଉତ୍ସ ଗୁଡ଼ିକର **୫ (ପାଞ୍ଚ) ବର୍ଷ** ନିମନ୍ତେ ଲିଜ ପାଇଁ ସଂଲଗ୍ନିତ ସାରଣୀ ମୁତାବକ ତହସିଲଦାର ଲାଞ୍ଜିଗଡଙ୍କ ଦ୍ଵାରା ନିଲାମ କରାଯିବ । ଲିଜ ଅବଧି ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ – ୨୦୧୬ ଅନୁସାରେ ଶେଷ ପ୍ରକ୍ରିୟା କରଣ (ପରିବେଶ ମଞ୍ଜୁରୀ) ଠାରୁ ଆରମ୍ଭ ହେବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC (Amendment) Rules, 2016 ର Form-M ପୂରଣକରି ଏହାର ତିନି କପି ସହ ନିମ୍ନଲିଖିତ କାଗଜାତ ସଂଲଗ୍ନ କରି ଜଉମୁଦ ଲଫାପାରେ ସଇରାତ ଉତ୍ସର ନାମ ଉଲ୍ଲେଖ କରି ଆବେଦନ କରିବେ, ଯାହାକି ନିମ୍ନ ଧାର୍ଯ୍ୟ ତାରିଖ ଅନୁଯାଇ ଆବେଦନ କରିବେ । ଧାର୍ଯ୍ୟ ତାରିଖ ଦିନ ଯେଉଁ ଉତ୍ସଗୁଡ଼ିକ ନିଲାମ ହୋଇ ନ ପାରିବ, ତାହା ଦ୍ଵିତୀୟ ପର୍ଯ୍ୟାୟରେ ସମ୍ପାଦନ କରାଯିବ ।

| କ୍ରମିକ ସଂଖ୍ୟା | ପର୍ଯ୍ୟାୟ | ଆବେଦନର ଶେଷ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ |
|---|---|---|---|
| 1 | ପ୍ରଥମ | 17.01.2023/ଘ 01.00 ଅପରାହ୍ନ | 17.01.2023/ଘ 04.00 ଅପରାହ୍ନ |
| 2 | ଦ୍ଵିତୀୟ | 27.01.2023/ଘ 01.00 ଅପରାହ୍ନ | 27.01.2023/ଘ 04.00 ଅପରାହ୍ନ |

ଜଉମୁଦ ଲଫାପାଗୁଡିକ ନିମ୍ନ ସ୍ଵାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇବେ, କିମ୍ବା ରେଜିଷ୍ଟାର୍ଡ / ସ୍ପୀଡ ପୋଷ୍ଟ ଜରିଆରେ ଲଘୁ ଖଣିଜ ନିୟମ –୨୦୧୬ ର ଧାରା ୨୭ (୪) ଅନୁସାରେ ସମସ୍ତ ଦଲିଲ ସଂଲଗ୍ନ କରି ଲିଜ ପାଇଁ ଧାର୍ଯ୍ୟ ତାରିଖ ମଧ୍ୟରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଉକ୍ତ ସମୟ ଅବଧି ପରେ କୌଣସି ଟେଣ୍ଡର କାଗଜାତ ଗ୍ରହଣୀୟ ନୁହେଁ । ଡାକ ଜନିତ ବିଳମ୍ବ ଯୋଗୁଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ ଏବଂ ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟରେ ତହସିଲଦାର ଓ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯାଇ ଯୋଗ୍ୟ ଲିଜ ଧାରି ଚୟନ କରାଯିବ । ଲଘୁ ଖଣିଜ ଖାଦାନ ଓ ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳି ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳି ପାରିବ । ଏହା ମଧ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି / ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଭବାନିପାଟଣା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲାଂଜିଗଡ଼ / ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ / ସମସ୍ତ ରାଜସ୍ଵ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ ଓ www.kalahandi.nic.in ରେ ମିଳି ପାରିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକୁ ବାତିଲ କରାଯିବ । କୌଣସି କାରଣ ନ ଦର୍ଶାଇ ଲିଜକୁ ସ୍ଥଗିତ ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ଵାକ୍ଷରକାରୀଙ୍କ ରହିଅଛି ।

<u>ଦାଖଲ କରିବାକୁଥିବା କାଗଜାତ</u>

୧. ଦରଖାସ୍ତ ଫିଜ ପାଇଁ ଟ.୧୦୦୦/- (ଏକ ହଜାର ଟଙ୍କା)ର ଟ୍ରେଜେରୀ ଚାଲାଣ ଯାହାକି ଫେରସ୍ତ ଯୋଗ୍ୟ ନୁହେଁ । Head of Account: 0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties. (0853-00-102-0217-02021-000).

୨. ଦରଖାସ୍ତ ସହିତ ଇସ୍ତାହାରରେ ସଂଲଗ୍ନିତ ସାରଣୀରେ ଦର୍ଶଯାଇଥିବା ଅର୍ଜିତ ରାଶି (EMD) ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ପଇଠକରିବାକୁ ହେବ । ଯଦି ସଫଳ ନିଲାମ ଡକାଳି ହିସାବରେ ଲିଜ ପ୍ରସ୍ତାବ ଅଗ୍ରାହ୍ୟ କରନ୍ତି, ତେବେ ଉକ୍ତ ଅର୍ଜିତ ରାଶି (EMD)

ଫେରସ୍ତ ନ ହୋଇ ବ୍ୟାଜ୍ୟାପ୍ତି କରଣ କରି ଦ୍ୱିତୀୟ ସ୍ଥାନରେ ଥିବା ବ୍ୟକ୍ତିଙ୍କୁ ଲିଜ ପ୍ରକ୍ରିୟା ପାଇଁ ଆମନ୍ତ୍ରଣ କରାଯିବ ଏବଂ ଅସଫଳ ନିଲାମ ଡକାଳିଙ୍କ ଅର୍ଜିତ ରାଶି ଫେରସ୍ତ କରାଯିବ । EMD will be deposited in shape of Bank Draft in favour of Tahasildar, Lanjigarh payable at State Bank of India, Biswanathpur.

୩. ଆବେଦନ କରିଥିବା ଲିଜ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ।

୪. କୌଣସି ମାଇନିଙ୍ଗ ଭରଣା ବକେୟା ନ ଥିବା ନେଇ ଏକ ସତ୍ୟପାଠ ।

୫. ଆବେଦନ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମିର ମାଲିକଙ୍କ ସହମତି ।

୬. ଆବେଦନକାରୀଙ୍କ ଗତ ବର୍ଷର ଆୟକର ହିସାବର ପରିମାଣ, ଯାହାକି ତାଙ୍କଦ୍ୱାରା ଦର୍ଶାଯାଇଥିବା ଅତିରିକ୍ତ ଦେୟ ଓ ରୟାଲଟି ସର୍ବନିମ୍ନ ପ୍ରତ୍ୟାଭୂତ ପରିମାଣ ଉପରେ ଏକ ବର୍ଷର ସମ୍ପୂର୍ଣ୍ଣ ପରିମାଣ {(Addl. Charge offered + Royalty) X MGQ} ଠାରୁ କମ ହୋଇ ନ ଥିବ କିମ୍ବା ଉକ୍ତ ରାଶିର ବ୍ୟାଙ୍କ ଗ୍ୟାରେଣ୍ଟି ଯାହାକି 18 ମାସ ବୈଧତା ଥିବ, ସଂଲଗ୍ନ କରିବା ଆବଶ୍ୟକ । (Income Tax Returns of previous financial year showing annual income for an amount not less than the amount of additional charge offered and royalty payable for the minimum guaranteed quantity for one whole year or Bank Guarantee valid for a period of eighteen months for the amount not less than the amount as above).

୭. ଅନ୍ୟ ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ।

୮. GST clearance Certificate ର ନକଲ ।

## ସର୍ତ୍ତାବଳୀ

୧. ଆବେଦନକାରୀମାନେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ (OMMC Rules)-2016 , ଓଡିଶା ଲଗୁଖଣିଜ ଦ୍ରବ୍ୟ ରିହାତି(ସଂଶୋଧନ ଆଇନ 2022) ପରିସରଭୁକ୍ତ ରହିବେ ।

୨. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଖାଦାନଗୁଡ଼ିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।

୩. ଲିଜରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

୪. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୫. ସର୍ବୋଚ୍ଚ ଲିଜଧାରୀ ମାଇନିଙ୍ଗ ପ୍ଲାନ ତିଆରିର ଖର୍ଚ୍ଚ ନିଜେ ପଇଠ କରିବେ ।

୬. ମାଇନିଙ୍ଗ ପ୍ଲାନରେ ଦର୍ଶା ଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ୱାରା ଦର୍ଶାଇଥିବା ଏକକ ରୟାଲଟିର ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ, ଉକ୍ତ ରାଶି ପରିବେଶ ମଞ୍ଜୁରୀ (Environment clearance) ଆଣିସାରିଲା ପରେ ପଇଠ କରିବେ । ସଂପୂର୍ଣ୍ଣ ରାଶି ପଇଠ ହେଲା ପରେ ଲିଜଧାରୀ ରେଜିଷ୍ଟ୍ରେସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ନିଜ ଖର୍ଚ୍ଚରେ ସମ୍ପାଦନ କରିବେ ।

୭. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେଲାପରେ ସ୍ଥିର କରାଯିବ ।

୮. ସର୍ବୋଚ୍ଚ ଲିଜ ଧାରୀ ମାଇନିଙ୍ଗ ପ୍ଲାନ ଏବଂ ଏନଭାୟରନମେନ୍ଟ କ୍ଲିୟରେନ୍ସ ବାବଦ ଖର୍ଚ୍ଚ ( ଫେରସ୍ତ ନୁହେଁ ) ଚୁକ୍ତିନାମା ସମ୍ପାଦନ ପୂର୍ବରୁ ପଇଠ କରିବେ । ( the selected bidder shall deposit the cost of obtaining the Mining plan and environment clearance approvals, in case those have

been obtained by the Competent Authority (non-refundable) before executing the lease deed ).

୯. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରିଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ୭ (ସାତ) ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ କିମ୍ବା ନଗଦ ଆକାରରେ ଜମା କରିପାରିବେ ।

୧୦. ପୁନଶ୍ଚ ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବ୍ୟାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

୧୧. ଲିଜଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ଼ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ ଡିସପ୍ଲେ ବୋର୍ଡ଼ (Display Board) ତିଆରି କରି ସେଥିରେ ସଇରାତ ଉତ୍ସର ନାମ, ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ଏବଂ ଏ ସବୁର କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୧୨. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ ଏବଂ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ଉତ୍ସରୁ ଲଘୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୧୩. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟର ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ପାଇପାରିବେ ।

୧୪. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୧୫. ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ପୂରଣ କରୁଥିବା ତଥାସର୍ବାଧିକ ଅତିରିକ୍ତ ଦେୟ (Additional Charge ) ଘନ ମିଟର ପ୍ରତି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ଦିଆଯିବ ।

୧୬. ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge ) ଘନ ମିଟର ପ୍ରତି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ନେଲେ ତତ ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

୧୭. ଯଦି ଦୁଇଜଣ ଆବେଦନକାରୀଙ୍କ ଅତିରିକ୍ତ ଦେୟ ମୂଲ୍ୟାଙ୍କ ସମାନ ହୁଏ ତେବେ ଧର୍ମଗୁଳା ସାହାଯ୍ୟରେ ଲିଜ ପଟ୍ଟାଦାର (Leasee) ଚୟନ କରାଯିବ ।

୧୮. ଯୋଗ୍ୟ ବିବେଚିତ ବ୍ୟକ୍ତି ପଥର ଖଦାନ ପାଇଁ ଘନ ମିଟର ପିଛା ନିର୍ଦ୍ଧାରିତ ରୟାଲଟି ଓ ଭୂମିପୃଷ୍ଠ ଖଜଣା (Surface Rent ) ବ୍ୟତିତ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ଦର, ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଏବଂ ପରିବେଶ ଉନ୍ନୟନ ପାଣ୍ଠି ବାବଦକୁ ପ୍ରତ୍ୟେକ ଆର୍ଥିକ ବର୍ଷ ପରିଚାଳନା ପୂର୍ବରୁ ଏକକାଳୀନ ପଇଠ କରିବାକୁ ହେବ ।

୧୯. ଦରଖାସ୍ତରେ କେବଳ ଲଘୁ ଖଣିଜ ଦ୍ରବ୍ୟର ଘନମିଟର ପିଛା ଅତିରିକ୍ତ ଦେୟ (Additional Charge ) ସ୍ପଷ୍ଟ ଭାବରେ ଉଲ୍ଲେଖ ଥିବା ଆବଶ୍ୟକ ।

୨୦. ସଫଳ ଆଦେଶିକ ସମୟସୀମା ମଧ୍ୟରେ ଅନୁମୋଦିତ ମାଇନିଂ ପ୍ଲାନ ଓ ଏନଭାୟରନମେନ୍ଟ କ୍ଲିୟରେନ୍ସ ଦାଖଲ ପରେ ଲିଜ ପଞ୍ଜୀକରଣ (confirm) କରାଯିବ ଏବଂ ଲିଜ ଏଗ୍ରୀମେଣ୍ଟ ଆସିବା ସହ ରୟାଲଟି କିମ୍ବା ଡେଡ ରେଣ୍ଟ (Dead Rent ) ଯେଉଁଟା ଅଧିକ, ଭୂମିପୃଷ୍ଠ ଖଜଣା (Surface Rent), ଅତିରିକ୍ତ ଦେୟ (Additional Charge ), ଜିଲ୍ଲା ଲଘୁ ଖଣିଜ ପାଣ୍ଠି ( DMF ) ରୟାଲଟି ର ୧୦ ଶତାଂଶ , ପରିବେଶ ପରିଚାଳନା ପାଣ୍ଠି (EMF) ରୟାଲଟି ର ୦୫ ଶତାଂଶ ସହିତ ଆୟକର ( Income Tax ) ରୟାଲଟି ର ୨ ଶତାଂଶ ପଇଠ କରିବାକୁ ପଡିବ ।

୨୧. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟର ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ତ୍ରୟମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

୨୨. ଟେଣ୍ଡର ପାଇଁ ବିଜ୍ଞାପନ ଖର୍ଚ୍ଚ ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ ଖର୍ଚ୍ଚ ସଫଳ ନିଲାମଧାରୀମାନେ ବହନ କରିବେ ।

୨୩. ସରକାରୀ ରୟାଲଟି ଓ ଅତିରିକ୍ତ ଦେୟ ବାବଦରେ ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କ ର Form-M ଖାରଜ କରିଦିଆଯିବ ।

ଦ୍ରଷ୍ଟବ୍ୟ :- ଦୀର୍ଘମିଆଦୀ ସୂତ୍ରେ ( 5 ବର୍ଷ ) ଦେବାକୁ ଥିବା ଖଣିଜ ଉତ୍ସର ଏକତାଲିକା ନିମ୍ନସାରଣୀରେ ଦିଆଯାଇଛି ।

ସାରଣୀ

**ଲାଞ୍ଜିଗଡ ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡ଼ିକର 5 ବର୍ଷିଆ ଲିଜ ନିମନ୍ତେ ଖଣିଜ ଉତ୍ସର ବିବରଣୀ**

| କ୍ର ନ | ସୈରାତ ଉତ୍ସର ନାମ | ମୌଜା | ଖାତା ସଂ. | ପ୍ଲଟ ନ | କିସମ | ଲିଜ ରକବା (ଏକର) | ସର୍ବନିମ୍ନ ନିର୍ଧାରିତ ପରିମାଣ (MGQ in Cum) (ବାର୍ଷିକ) | ରୟାଲଟି କର(Royalty per cum in Rs) | ଅତିରିକ୍ତ ଦେୟ ପ୍ରତି ଘନ ମିଟର (Additional charge per Cum in Rs) | ବ୍ୟାଙ୍କ ଗେରେଣ୍ଟି (In Rs) / IT returns of previous year not less than | ଅର୍ଜିତ ରାଶି (EMD in Rs) |
|---|---|---|---|---|---|---|---|---|---|---|---|
| ୧ | ବେନିପୋଖରୀ ପଥର ଘାଟ - ୦୧ | ବେନିପୋଖରୀ | ୧୮ | ୫୭ | ପଥର ଚଟାଣ | ୧୨.୩୩ (୪.୯୮ Ha) | 9200 | 130/- | 26/- | 1435200 | 71760 |
| ୨ | ବେନିପୋଖାରୀ ପଥର ଘାଟ -୦୨ | ବେନିପୋଖରୀ | ୧୮ | ୫୭ | ପଥର ଚଟାଣ | ୧୨.୦୦ (୪.୮୫ Ha) | 8000 | 130/- | 26/- | 1248000 | 62400 |
| ୩ | ବେନିପୋଖରୀ ପଥର ଘାଟ - ୦୪ | ବେନିପୋଖରୀ | ୧୮ | ୫୭ | ପଥର ଚଟାଣ | ୧୦.୩୩ (୪.୧୬ Ha) | 8320 | 130/- | 27/- | 1306500 | 65325 |
| ୪ | ତାଡାବଳା ପଥର ଘାଟ - ୦୧ | ତାଡାବଳା | ୩୨ | ୭୮ | | ୫.୦୦ (୨.୦୨ Ha) | 15120 | 130/- | 20/- | 2268000 | 113400 |
| ୫ | ତାଡାବଳା ପଥର ଘାଟ - ୦୨ | ତାଡାବଳା | ୩୨ | ୭୮ | | ୫.୦୦ (୨.୦୨୩ Ha) | 14840 | 130/- | 20/- | 2226000 | 111300 |

Honnaga 02/01/22

ତହସିଲଦାର, ଲାଞ୍ଜିଗଡ
TAHASILDAR
LANJIGARH

ଜ୍ଞାପକ ସଂଖ୍ୟା : 9 ତା: 02.01.2023

ଏହାର ଏକକିତା ନକଲ ସହ ସଇରାତ ଉତ୍ସର ବିବରଣୀ ତହସିଲ ବିଜ୍ଞାପନ ଫଳକ/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଳାହାଣ୍ଡି / ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟ ଆଳୟ, ଭବାନୀପାଟଣା / ଗୋଷ୍ଠୀ ଉନ୍ନୟନ ଅଧିକାରୀ, ~~କଳାମୁଣ୍ଡି~~ ଲାଞ୍ଜିଗଡ / ସମ୍ପୃକ୍ତ ଗ୍ରାମ ପଞ୍ଚାୟତ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟ ଆଳୟ ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ "Form-M"ର ଏକ ଅବିକଳ ନକଲ ସହ ପ୍ରେରଣ କରାଗଲା ।

Honnaga 02/01/22

ତହସିଲଦାର, ଲାଞ୍ଜିଗଡ
TAHASILDAR
LANJIGARH

ଜ୍ଞାପକ ସଂଖ୍ୟା : 10    ତା: 02.01.2023

ଏହାର ଏକାକିତା ନକଲ ଜିଲ୍ଲା ଲୋକ ସୂଚନା ଅଧିକାରୀ,**(D.I.O. NIC)** କଳାହାଣ୍ଡିଙ୍କ ଅବଗତି ତଥା ଜିଲ୍ଲା ୱେବସାଇଟ ରେ ପ୍ରକାଶନ କରିବା ନିମନ୍ତେ ପ୍ରେରଣ କରାଗଲା ।

02/01/22

ତହସିଲଦାର, ଲାଞ୍ଜିଗଡ
TAHASILDAR
LANJIGARH